# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 October - 2024

### News Editor : Tapan Kumar Moharana

***********************************

## ମୁଖ୍ୟ ସମ୍ବାଦ

- ଉତ୍ତମ ଚରିତ୍ର ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ରକ୍ଷା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି
- ରାଜ୍ୟରେ ଆସନ୍ତା ୫ ବର୍ଷ ମଧ୍ୟରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ସରକାରଙ୍କ ଲକ୍ଷ୍ୟ; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର କୋଣ-ଅନୁକୋଣେ ଆଜିଠାରୁ ଆରମ୍ଭ ହେଲା ଜଗତ୍‌ଜନନୀ ମା' ଦୁର୍ଗାଙ୍କର ନବରାତ୍ରୀ ପୂଜା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ଲଘୁଚାପର ରୂପ ନେବାର ସମ୍ଭାବନା

## ରାଷ୍ଟ୍ରପତି

ଚରିତ୍ରକୁ କ୍ଷୁର୍ଣ୍ଣ କଲାଭଳି ଜୀବନରେ କୌଣସି କାର୍ଯ୍ୟ ନ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟଶୈଳୀ ଏବଂ ବ୍ୟବହାରରେ ନୈତିକତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜସ୍ଥାନ ଉଦୟପୁରସ୍ଥିତ ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟର ୩୨ତମ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେଇ  ରାଷ୍ଟ୍ରପତି କହିଛନ୍ତି, ଚରିତ୍ର ହେଉଛି ଶିକ୍ଷାଠାରୁ ଅଧିକ ମୂଲ୍ୟବାନ ଏବଂ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳ ହେବାପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ଏକବିଂଶ ଶତାବ୍ଦୀରେ ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ଜ୍ଞାନ, ବିଜ୍ଞାନ ଏବଂ ବୈଷୟିକ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ଗୁଡ଼ିକର ପ୍ରଭାବ ଅନୁଭୂତ ହେଉଛି । ତେଣୁ ଛାତ୍ରଛାତ୍ରୀମାନେ ସମୟର ଆବଶ୍ୟକତା ଅନୁଯାୟୀ ଶିକ୍ଷାର ସଠିକ୍ ଦିଗଟିକୁ କାର୍ଯ୍ୟରେ ପରିଣତ କରିବା ଉଚିତ୍ । ଶ୍ରୀମତୀ ମୁର୍ମୁ କହିଛନ୍ତି ବ୍ୟକ୍ତିଗତ ଲକ୍ଷ୍ୟ ଏବଂ ସାମାଜିକ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି ।

## ନିବେଶକ ସମ୍ମିଳନୀ-ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀଠାରେ ଆଜି ନିବେଶକମାନଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ଓଡ଼ିଶାରେ ପୁଞ୍ଜିଲଗାଣ ତଥା ଶିଳ୍ପପ୍ରତିଷ୍ଠା ପାଇଁ ସକାରାତ୍ମକ ଇକୋ-ସିଷ୍ଟମ୍ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଅବଗତ କରାଇବେ।

ଆସନ୍ତା ୫ ବର୍ଷ ମଧ୍ୟରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିବା ପାଇଁ  ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଗତ ୧୦୦ ଦିନ ମଧ୍ୟରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ରାଜ୍ୟକୁ ଆସିଛି ବୋଲି  ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓ.ଜେ.ଏସ୍. ମେନ୍

ଓଡ଼ିଶା ନ୍ୟାୟିକ ସେବା - ଓ.ଜେ.ଏସ୍.-୨୦୨୩ ମେନ୍ ପରୀକ୍ଷା ଆସନ୍ତା ନଭେମ୍ବର ୩ରୁ ୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ୩ଟି ଜୋନ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ମେନ୍ ପରୀକ୍ଷା ଦେବାପାଇଁ ୬୮୦ ଜଣ ଯୋଗ୍ୟତା ଅର୍ଜନ କରିଛନ୍ତି ।

## ଜାତୀୟ ଶିକ୍ଷାନୀତି-୨୦୨୦

ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଖୁବ୍‌ଶୀଘ୍ର ପ୍ରଣୟନପାଇଁ ପଦକ୍ଷେପ ନିଆଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟରେ ଏନେଇ ପ୍ରସ୍ତୁତି ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ ଏହା କହିଛନ୍ତି । ଏହି ଶିକ୍ଷାନୀତି କାର୍ଯ୍ୟାନ୍ୱୟନରେ ଉପୁଜିବାକୁ ଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହି କର୍ମଶାଳାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଥିଲେ ।

## କେନ୍ଦ୍ରମନ୍ତ୍ରୀ - ବିକଳ୍ପ ଇନ୍ଧନ

ବିକାଶ, ନୂତନ ଜ୍ଞାନକୌଶଳ ଏବଂ ଜୈବ ବିବିଧତାର କ୍ଷୟ ବିଶ୍ୱ ତାପନ ବୃଦ୍ଧିର କାରଣ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ 'ପୁନଶ୍ଚ ପୃଥିବୀ' ସମ୍ମିଳନୀର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଯାଦବ ପୃଥବୀର ସୁରକ୍ଷା ପାଇଁ ଅଙ୍ଗାରକାମ୍ଳ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପରିବେଶ ସଂରକ୍ଷଣପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଯାଦବ ପ୍ୟାରିସ୍ ଜଳବାୟୁ ରାଜିନାମାରେ ପରିବେଶ ସୁରକ୍ଷା ପ୍ରତି ଭାରତ ପ୍ରତିବଦ୍ଧତାକୁ  ଦର୍ଶାଇଛି ବୋଲି କହିଛନ୍ତି । ଅଣଜୀବାଶ୍ମ ଆଧାରିତ ଇନ୍ଧନ ଉତ୍ସରୁ ୫୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ନବରାତ୍ରି ପୂଜା

ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆଜି ଦଶଭୂଜା ମା' ଦୁର୍ଗାଙ୍କର ନବରାତ୍ର ପୂଜା ଆରମ୍ଭ ହୋଇଛି । ପ୍ରଥମ ଦିନରେ ମା'ଙ୍କୁ ଶୈଳପୁତ୍ରୀ ମାତା ରୂପେ ପୂଜା କରାଯାଇଥାଏ । ଭଗବାନ ବ୍ରହ୍ମା, ଶିବ ଏବଂ ବିଷ୍ଣୁଙ୍କର ସମ୍ମିଳିତ ଶକ୍ତିର ଆଧାର ରୂପେ ମା'ଙ୍କୁ ପୂଜା ଆରାଧନା କରାଯାଇଥାଏ । ମା' ଦୁର୍ଗାଙ୍କ

ଆଗମନ ପାଇଁ ପୁରପଲ୍ଲୀଠାରୁ ଆରମ୍ଭ କରି ସହରଗୁଡିକ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ଦେବୀମନ୍ଦିରଗୁଡ଼ିକରେ ମା'ଙ୍କର ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେଉଛି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ନବରାତ୍ର ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସମସ୍ତଙ୍କର କଲ୍ୟାଣ କାମନା କରିଛନ୍ତି। **ରାଜ୍ୟପାଳ** ରଘୁବର ଦାସ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶାରଦୀୟ ନବରାତ୍ରର ଶୁଭେଚ୍ଛା ଜଣାଇଛନ୍ତି। ସେହିପରି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନିକଟରେ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ସାହସ, ଧୈର୍ଯ୍ୟ ଓ ସ୍ଥିରତାର ପ୍ରତୀକ ଶକ୍ତିସ୍ୱରୂପା ମା' ଶୈଳପୁତ୍ରୀ ସମସ୍ତଙ୍କୁ ଆରୋଗ୍ୟ, ସମୃଦ୍ଧି ଓ ଉନ୍ନତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

**ନବରଙ୍ଗପୁର** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ମା'ଙ୍କ ପାଟଖଣ୍ଡା ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ବାହାର କରାଯାଇଛି। ମା' ଭଣ୍ଡାରଘରଣୀଙ୍କ ପ୍ରତୀକାତ୍ମକ ପାଟଖଣ୍ଡା' ପୀଠରେ ବିରଜାମାନ ପୂର୍ବକ ପୂର୍ବାମୁଖୀ ହୋଇ ଦର୍ଶନ ଦେବେ। ଆଜିଠାରୁ ଷଷ୍ଠୀ ପର୍ଯ୍ୟନ୍ତ ଚାରି ଧୂପରେ ଓ ସପ୍ତମୀଠାରୁ

ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଧୂପରେ ମା' ପୂଜା ପାଇବେ। ବିଜୟା ଦଶମୀରେ ଲାଖ ବିନ୍ଧା ଯାତ୍ରା ସହ ଶାରଦୀୟ ନବରାତ୍ରି ଉତ୍ସବ ଶେଷ ହେବ।

**ଗଞ୍ଜାମ** ଜିଲ୍ଲାରେ ଥିବା ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଆଜିଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରେଣୀଙ୍କ ପୀଠରେ ଷୋଡଶ ଉପଚାରରେ ପୂଜା କରାଯାଇଛି। ମା' ନାରାୟଣୀ ଶୈଳପୁତ୍ରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି।

**ସୁବର୍ଣ୍ଣପୁର** ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ମନ୍ଦିରେ ଆଜି ମା'ଙ୍କୁ କାଳୀ ବେଶରେ ବିଭୂଷିତ କରାଯାଇଛି। ଜିଲ୍ଲାର ଶତାଧିକ ମାହେଶ୍ୱରୀ ପୀଠରେ ଦେବୀ ମାହେଶ୍ୱରୀ ଓ ପରମେଶ୍ୱରୀଙ୍କ ଷୋଳପୂଜା ଜାରି ରହିଛି।

## ଫେଲୋସିପ୍ ପାଠ୍ୟକ୍ରମ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍‌ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଫେଲୋସିପ୍ ପାଠ୍ୟକ୍ରମ ଆରମ୍ଭ ହେବ। ଗତକାଲି ଅନୁଷ୍ଠିତ ଏକ କର୍ମଶାଳାରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡାକ୍ତର ମାନସ ରଞ୍ଜନ ସାହୁ ଏହି ଘୋଷଣା କରିଛନ୍ତି। ପୂର୍ବରୁ ଏସ୍‌ସିବିରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହେବା ସମ୍ପର୍କରେ କୁଳପତି ଘୋଷଣା କରିଥିଲେ।

## ଝାଡାବାନ୍ତି

କନ୍ଧମାଳ ଜିଲ୍ଲାର କୋଟଗଡଠାରେ ୩ ଦିନ ମଧ୍ୟରେ ଝାଡାବାନ୍ତିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।  ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ଅନୁଧାନ କରିଛନ୍ତି । ଆକ୍ରାନ୍ତଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ଲାଗି ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସ୍ୱଚ୍ଛତା ପକ୍ଷ

ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ଚଳିତମାସ ପହିଲାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି । ମଣ୍ଡଳ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ନେଇଛନ୍ତି । ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତ ରେଳଷ୍ଟେସନଗୁଡ଼ିକରେ  ସ୍ୱଚ୍ଛତା ସଂକ୍ରାନ୍ତୀୟ ବ୍ୟାନର, ପୋଷ୍ଟର, ଜିଙ୍ଗଲ ଆଦି ପ୍ରଦର୍ଶନ କରାଯାଇଛି ।

## ସାହାଣୀକପ୍

ଓଡ଼ିଶା ଫୁଟ୍‌ବଲ୍ ସଂଘ ଦ୍ୱାରା ଆୟୋଜିତ ୬୩ତମ ଆନ୍ତଃଜିଲ୍ଲା  ସିନିଅର୍ ପୁରୁଷ ଫୁଟବଲ୍ ଚାମ୍ପିଅନ୍‌ସିପ୍ ସାହାଣୀକପ୍ ସେମିଫାଇନାଲ୍‌କୁ ୪ଟି ଦଳ ଉନ୍ନୀତ ହୋଇଛନ୍ତି । ଆସନ୍ତାକାଲି ହେବାକୁଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ୍ ଓ ବରଗଡ଼ ଏବଂ କଟକ ଓ ମୟୂରଭଞ୍ଜ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ କ୍ୱାଟର ଫାଇନାଲ୍‌ରେ ମୟୂରଭଞ୍ଜ ୩/୧ ଗୋଲ୍‌ରେ ଢେଙ୍କାନାଳକୁ ପରାସ୍ତ କରିଥିବାବେଳେ କଟକ ୫/୧

ଗୋଲ୍‌ରେ ଭୁବନେଶ୍ୱରକୁ ପରାସ୍ତ କରିଥିଲା । ସେହିପରି ବରଗଡ଼ କନ୍ଧମାଳକୁ ୩/୧ ଗୋଲ୍‌ରେ ପରାସ୍ତ କରିଥିବାବେଳେ ରାଉରକେଲା ସୁନ୍ଦରଗଡ଼କୁ ୧/୦ ଗୋଲ୍‌ରେ ପରାସ୍ତ କରିଥିଲା ।

## ହକି

ଉପକନିଷ୍ଠ ବାଳିକା ରାଜ୍ୟ ହକି ପ୍ରତିଯୋଗିତାର ଫାଇନାଲକୁ ପାନପୋଷ୍ ଏବଂ ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସ ଉନ୍ନୀତ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ପାନପୋଷ କ୍ରୀଡା ଛାତ୍ରାବାସ ୪/୩ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲ୍‌ରେ ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସ ଗାଙ୍ଗପୁର ହକି ସଂଘକୁ ୭/୦ ଗୋଲ୍‌ରେ ପରାସ୍ତ କରିଥିଲା ।

## ପାଣିପାଗ

ଦକ୍ଷିଣ-ପୂର୍ବ ବାଂଲଶଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଉତ୍ତର ବଙ୍ଗୋପସାଗର ନିକଟସ୍ଥ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳ ନିକଟରେ ଆସନ୍ତାକାଲିଠାରୁ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ,

କେନ୍ଦୁଝର, ଅନୁଗୁଳ ଏବଂ ଢେଙ୍କାନାଳ ଜିଲ୍ଲାର କେତେକ ଅଂଚଳରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଯାଜପୁର ଜିଲ୍ଲା ସୁକିନ୍ଦାଠାରେ ସର୍ବାଧିକ ୩୦ ଦଶମିକ ୩ ମିଲିମିଟର ଏବଂ ଗଜପତି ଜିଲ୍ଲାର ଗୋଷାଣୀଠାରେ ୨୪ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି।

**********************************